# ଏକାଦଶ ପରିଚ୍ଛେଦ

**ଗୋବରା ଜେନା :**

ତନ୍ତୀସାହିକୁ ଚାରିଶ ପାଞ୍ଚାଶ କଦମ ଦୂର ବିଲ ମଝିରେ ଡ଼ମସାଇ । ଏଟା ଅଲଗା ମୌଜା ନୁହେଁ , ଗୋବିନ୍ଦ ସାମିଲ । ସେଠାରେ ଦଶଘର ଡ଼ମ ଆଉ ଗୋବରା ଜେନା ଚୌକିଦାର ଘର । ଗୋବରା ଜେନା ନିଜ ମୌଜାରେ ଚୌକିଦାର ; ତା'ର ଦେଢ଼ମାଣ ଚୌକିଆ ଜାୟଗିରି ଅଛି , ଏ ସିବାୟ ଫି ଘରୁ ଧାନକଟା ସମୟରେ ଗୋଟାଏ ଲେଖାଏଁ ହଳା ପାଏ । ଜେନା ମଜବୁର ଆପଣା କାମରେ ଖୁବ୍ ହୁସିଆର । ତାହା ଯୋଗେ ଗ୍ରାମରେ ଚୋରି ଚପାଟି ହୁଏ ନାହିଁ । ଫି ବରଷ ଗ୍ରାମ ମଧ୍ୟରେ ଚାରି ପାଞ୍ଚନମ୍ବର ସୀନ୍ଧିହୁଏ ସତ୍ୟ ; କିନ୍ତୁ ଜେନା ମଜବୁରର କିଛି ଦୋଷ ନାହିଁ; କାରଣ ସେହି ସବୁ ଚୋରି ରାତିରେ ଜେନା ପୁଅ ଜାତିଆଣ କାମରେ ଚାରିପାଞ୍ଚକୋଶ ଦୂରବର୍ତ୍ତୀ ଗ୍ରାମକୁ ଯାଇଥାଏ । ଚୌକିଦାର ସାରାରାତି ଗ୍ରାମରେ ପହରା ଦିଏ ; ମାତ୍ର ସେ ଏପରି ହୁସିଆରରେ ପହରା ଦିଏ ; ଯେ, ସେ କଥା କେହି କେତେବେଳେ ଜାଣିପାରନ୍ତିନାହିଁ । ପାଟିକରି ପହରା ଦେଲେ ତୁଣ୍ଡଶୁଣି ଚୋରଯେ ପଳାଇଯିବେ । ପୁରୁଣା ପୋଲିସ ଭାରି ଲାଞ୍ଚଖିଆ ଥିଲେ, ଏପରି ଗୋଟାଏ ପ୍ରବା ଦ ଅଛି । ସତ ମିଛ ଜଗନ୍ନାଥ ଜାଣନ୍ତି । ଲୋକମାନଙ୍କ ପାଟିରେ କିଏ ହାତଦେବ ? ବାଘ ମଣିଷ ଖାଏ - ସବୁବାଘ ଗୁଡ଼ାକ ମଣିଷଖିଆ ? ସାଧୁସଚରିତ୍ର ବାଘ କି ଦୁନିଆରେ ନାହାନ୍ତି ? ଆମମାନଙ୍କ ଜେନାପୁଅ ସେହିପରି ଜଣେ ସାଧୁ ସଚ୍ଚରିତ୍ର ଲୋକ । ଆପରାର ହକ୍ ଅର୍ଥାତ୍ ବାର୍ଷିକ ହଳା , ବାହାପୁଆଣିରେ ଖଦୀ ମୂର୍ତ୍ତି ଏ , ଉପରି ବରଠାରୁ ଚୌକିଆ ରୋସମ ଟଙ୍କାଟିଏ , ଆଉ ମଲାମରୁଡ଼ିରେ ଭାତିଆ ବାବଦକୁ କିଛି ଖର୍ଚ୍ଚ ପିଢ଼ାରୁ ଲାଉ କଖାରୁଟାଏ ଛଡ଼ା କାହାଠାରୁ କିଛି ଲାଞ୍ଚ ରିସପତ୍ ଛୁଏଁ ନାହିଁ । ଆଉ ଚୋରି, ସାପକାମୁଡ଼ା , ଜଳବୁଡ଼ିମାମଲା ପଡ଼ିଲେ ପୋଲିସରେ ଏତଲା ଖର୍ଚ୍ଚ । ଟଙ୍କାଟିଏ , ସେ ତ ଆଇନ୍‌ରେ ଅଛି, ସେଥିରେ ଚୌକିଆର କ'ଣ ଇଲାକା ? ବରଞ୍ଚ ଗୋବର୍ଦ୍ଧନ ଭାରୀ ଦୟାଳୁ ଲୋକ, କେହି ଗରିବ ଉପରେ ମାମଲା ପଡ଼ିଲେ କଂସାଖଣ୍ଡି ଢ଼ାଳଟି ନେଇ କାମ ତୁଲାଇନିଏ ।

ମାସକୁଥରେ ପୋଲିସରେ ରିପୋର୍ଟ ଦେବାକୁ ଯିବାବେଳେ ଗ୍ରାମରୁ କଦଳୀ କାନ୍ଦିଟା , ଲାଉ , କଖାରୁ ପୁଞ୍ଜାଏ ମୁନ୍ସି ଜମାଦାର ବରକନ୍ଦାଜ ସକାଶେ ନେବାରେ ତ ସୁବାମତି କଥା । କାମ ଝଞ୍ଜ ଟ ହେତୁରୁ ଜେନାପୁଅ ରାତିଓଳିଟା ଘରୁଭାତ ଖାଇପାରେ ନାହିଁ । ପାଳିକରି ଗାଁ ଲୋକଙ୍କ ଘରୁଖାଏ ଯାହାଘରୁ ଯେଉଁଦିନ ଖାଇବାର ବେଳ ଥାଉଁ ଥାଉଁ ମୁଠାଏ ଚାଉଳ ପକାଇବା ସକାଶେ କହିଯାଏ । ଖଞ୍ଜ ଅଖଞ୍ଜରେ ଭାତ ହେଇନପାରିଲେ ଜେନାପୁଅ ସେଦିନ ରାତିରେ ତାହା ଘର ପହରା କାମରେ ଢ଼ିଲା କରିଦିଏ । ଚୋରମାନେ ତକ୍ଷଣେ ଏ କଥା ଜାଣିପାରି ସେଦିନ ରାତିରେ ତାହା ପିଢ଼ା ବା ବାଡ଼ିରୁ ଫଳ କଦଳୀଟା କିମ୍ବା ବିଲରୁଧାନ ଚୋରି କରି ଘେନିଯାଆନ୍ତି କିମ୍ବା କିଛି ନପାଇଲେ ତାହା ଦାଣ୍ଡ ଦୁଆର ଖୁମ୍ବଟା ଭାଙ୍ଗି ଦେଇଯାଆନ୍ତି । ଗୋବର୍ଦ୍ଧନ ଗାଁରେ ଭାତ ଖାଇସାରି ଆପଣା ଘର ପର୍ଯ୍ୟନ୍ତ , 'ଗାଁଲୋକେ ହୁସିଆର୍ , ଘରବାଲେ ଖବରଦାର, ପାଟିକରି ଡ଼ାକ ଦିଏ । ଚେଇଁଥିବା ପିଲା ମାନେ ସେ ଡ଼ାକଶୁଣି ଶୋଇପଡ଼ନ୍ତି । ତାହା ବାଦ୍ ସେ ଗାଁରେ ସାରା ରାତି ପହରା ଦିଏ , ଏ କଥା କାହାକୁଜଣା ପଡ଼େନାହିଁ । ଗୋବରା ଜେନାକୁ ଗୋଟା ପାଣ ମଧ୍ୟରେ ଗଣିବ ନାହିଁ । ହଜାରେ ପାଞ୍ଚଶ ଗଣିଦେବାର ଲୋକ । ଧାନ ପାଞ୍ଚ ସାତ ଭରଣ ମଧ୍ୟ ଘରେ ସାଇତି ଅଛି । ଯେ ଯେଡ଼େ ହୁସିଆର ହେବ , ଆପଦ ବିପଦ କାହାରିକୁ ଛାଡ଼ିନାହିଁ । ଥରେ ଗୋଟାଏ ଚୋର ମାମଲା ତାହା ଉପରେ ଝୁଙ୍କିଥିଲା । ଶୁଣିବାରେ ଅଢ଼େଇଶ ଟଙ୍କା ମୁନିସ୍‌କୁ ପେଲିଦେଇ ଖଲାସ ପାଇଲା । ସେ ମାମଲାର ହାଲ ଏହିକି , ମାଖନପୁରି ମୌଜାର ଭୁବନିଶା' ତେଲୀ ମହାଜନ ଘର ଡ଼କାଇତି ମୋକଦ୍ଦମାରେ ଆଠ ଜଣ ଡ଼ାକାଇତ ଗ୍ରେପ୍ତାର ହୋଇଥିଲେ । ଗୋବରା ଜେନା ସହ୍ଲାରେ ସେହି ଡ଼କାଇତି ହୋଇଥିବାର ଏବଂ ଆହୁରି ଦଶ ପନ୍ଦର ନମ୍ବର ଚୋରିରେ ତାହାର ସହ୍ଲାଥିବାର ଏବଂ ଚୋରାମାଲ ସବୁ ତାହାଦ୍ବାରା ବିକ୍ରି ହୋଥିବାର ଆସାମୀମାନଙ୍କ ମଧ୍ୟରେ ଦିକଡ଼ିଆ ପାଣ ପ୍ରକାଶ କଲା ; ମାତ୍ର ଆଉ ଆଉ ଆସାମୀ ମାନେ ଏ କଥା ଅସ୍ବୀକାର କରିବାରୁ ଗୋବରା ଦେହକୁ ଆଞ୍ଚ ଲାଗିଲା ନାହିଁ ।

ଗୋବରା ଜେନାଙ୍କ ଯୋଗ୍ୟତାରେ ମଙ୍ଗରାଜେ ତାହା ଉପରେ ଭାରିଖୁସି । ସେ ସକାଳ ସଞ୍ଜବେଳେ ମଙ୍ଗରାଜଙ୍କ କଚେରୀରେ ହାଜର ଥାଏ । ଅଧରାତିବେଳେ ଗୋବରା ଓ ମଙ୍ଗରାଜ ନିରୋଳାରେ ବସିଥିବାର ଲୋକ ଦେଖିଛନ୍ତି । ଫତେପୁର ସରଖଣ୍ଡ ତାଲୁକାରେ ଅନେକ ପାଣଙ୍କ ଘର ଅଛି । ସେମାନେ ଚୋରି, ଡ଼କାୟତି, ରାହାଜାନୀ ବ୍ୟବସାୟୀଥିବାର ଲୋକେ ସନ୍ଦେହ କରନ୍ତି । ପୋଲିସ ଏବଂ ଜେଲଖାନା ସହିତ ଘନିଷ୍ଠ ସମ୍ବନ୍ଧ ଏହି ସନ୍ଦେହର କାରଣ ଅଟେ । ଗୋବର୍ଦ୍ଧନର ଗୋଟିଏ ମହତ୍ ଗୁଣ , କୌଣସି ପାଣ ଜେଲ୍ ଗଲେ ତାହାର ଅସହାୟ ପିଲା ବାଳକଙ୍କୁ ଚଳାଏ ଏବଂ ମଙ୍ଗରାଜଙ୍କ ଖମାରରୁ ଦାନ ଦିଆଦିଏ ; ମାତ୍ର ନିନ୍ଦୁକ ଲୋକର ନିନ୍ଦାକଥା କାହିଁ ଛାଡ଼ ନାହିଁ ; ଲେକମାନେ ଗୋବର୍ଦ୍ଧନର ଏହି ସଦ୍‌ଗୁଣର ଅନ୍ୟ ପ୍ରକାର ଅର୍ଥ କରନ୍ତି । ସେଥି ସଙ୍ଗେ ମଙ୍ଗରାଜଙ୍କ ଦାତବ୍ୟତା ଉଲ୍ଲେଖ କରିବା ମଧ୍ୟ ଗୋଟିଏ ଭାରି ଖରାପ କଥା ଅଟେ ।

--o--